ଶ୍ରୀ ଶ୍ୟାମ ସୁନ୍ଦର ପ୍ରସାଦ ଏବଂ ଅନ୍ୟମାନେ

ବନାମ

ଶ୍ରୀ ରାଜ ପାଲ ସିଂ ଏବଂ ଅନ୍ୟଜଣେ

ନଭେମ୍ବର 29,1994

[କେ. ରାମସ୍ୱାମୀ, ଏନ୍. ପି. ସିଂହ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିମାନେ]

*ସୀମାବନ୍ଧନ ଅଧିନିୟମ— ଅନୁଚ୍ଛେଦ 142— ସତ୍ତ୍ୱ ଘୋଷଣା ଏବଂ ଦଖଲ ସାବ୍ୟସ୍ତ ମକଦ୍ଦମା— ପ୍ରମାଣ ଭାର— ବାଦୀ ପ୍ରମାଣ କରିବା ଆବଶ୍ୟକ ଯେ, ମାମଲା ଦାୟର କରିବା ତାରିଖରୁ 12 ବର୍ଷ ମଧ୍ୟରେ ସେ ସମ୍ପତ୍ତିକୁ ନିଜ ଦଖଲରେ ରଖିଥିଲେ ଏବଂ ସେହି ସମ୍ପତ୍ତି ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି ।*

ବାଦୀ ମାଲିକ ଭାବରେ ଏକ ଜାଗାର ମାଲିକାନା ଏବଂ ଦଖଲ ଘୋଷଣା ପାଇଁ ସତ୍ତ୍ୱ ମକଦ୍ଦମା ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାର ବିଚାରାଦେଶ ପ୍ରଦାନ କରିଛନ୍ତି । ଅପିଲିୟ ଅଦାଲତ ଦର୍ଶାଇଛନ୍ତି ଯେ, ଯଦିଓ ବାଦୀ ଏକଦା ଉକ୍ତ ତଫସିଲଭୁକ୍ତ ସମ୍ପତ୍ତିର ମାଲିକାନା ସତ୍ତ୍ୱ ଏବଂ ଦଖଲରେ ଥିଲେ, କିନ୍ତୁ ବାଦୀଙ୍କୁ କେଉଁ ନିର୍ଦ୍ଦିଷ୍ଟ ତାରିଖରେ ସେହି ସମ୍ପତ୍ତିରୁ ବେଦଖଲ କରାଗଲା ବା ସେ କେବେଠାରୁ ସେଠାରୁ ହଟିଲେ, ତାର କୌଣସି ସ୍ପଷ୍ଟ ତାରିଖ ଉଲ୍ଲେଖ ନାହିଁ । ବାଦୀ, ବିବାଦୀୟ ଜମି ଉପରୁ ନିଜର ଦଖଲ ବିଚ୍ଛିନ୍ନ ହେବାର **12** ବର୍ଷ ମଧ୍ୟରେ ଉକ୍ତ ଜମି, ନିଜ ଅକ୍ତିଆର ବା ଦଖଲରେ ଥିବା କଥା ଅଦାଲତରେ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି । ତେଣୁ ଏହି ମକଦ୍ଦମାକୁ ସୀମାବନ୍ଧନ ଅଧିନିୟମ, **1908** ର ଅନୁଚ୍ଛେଦ **142** ଅନୁଯାୟୀ ତମାଦି ହୋଇଥିବା ଦର୍ଶାଇ ଖାରଜ କରାଯାଇଥିଲା । ଦ୍ୱିତୀୟ ଆବେଦନକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କ ରାୟ ବିରୁଦ୍ଧରେ ଏହି ଆବେଦନ ଦାୟର କରାଯାଇଥିଲା ।

ବିଚାର ପାଇଁ ପ୍ରଶ୍ନ ଥିଲା ମାଲିକାନା ଏବଂ ଦଖଲ ଉପରେ ଆଧାରିତ ମକଦ୍ଦମାରେ ପ୍ରମାଣ ଭାର କାହା ଉପରେ ରହିଛି ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ: ପୁରୁଣା ସୀମାବନ୍ଧନ ଅଧିନିୟମ, **1908** ଅନୁଯାୟୀ,ମାଲିକାନା ସ୍ୱତ୍ତ୍ୱ କିମ୍ବା ପୂର୍ବ ଦଖଲ ଆଧାରରେ ଦଖଲ ଫେରିପାଇବା ପାଇଁ କରାଯାଉଥିବା ସମସ୍ତ ମାମଲା ପୂର୍ବରୁ ଅନୁଚ୍ଛେଦ **142** ଅଧୀନରେ ପରିଚାଳିତ ହେଉଥିଲା, ଯେଉଁଥିରେ ନିଜ ଦଖଲରେ ଥିବା ବେଳେ ବାଦୀଙ୍କୁ ସେଥିରୁ ବେଦଖଲ କରାଯାଇଥିଲା କିମ୍ବା ତାଙ୍କର ଦଖଲ ବିଚ୍ଛିନ୍ନ ହୋଇଯାଇଥିଲା । ଅନୁଚ୍ଛେଦ **142** ଅନୁଯାୟୀ, ନିଶ୍ଚିତ ଭାବରେ ବାଦୀଙ୍କ ଉପରେ ପ୍ରମାଣ ଭାର ରହିଛି ଯେ, ମାମଲା ଦାୟର ହେବା ତାରିଖରୁ **12** ବର୍ଷ ମଧ୍ୟରେ ସମ୍ପତ୍ତି ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି ଏବଂ ସେ ସେହି ସମ୍ପତ୍ତିକୁ ସେ ନିଜ ଦଖଲରେ ରଖିଛନ୍ତି । ଯେତେବେଳେ ଜମିର ମାଲିକାନା  ଆଧାରରେ ମାମଲା  ଦାଏର କରାଯାଏ, ସେତେବେଳେ ବାଦୀ କେବଳ ଯେ ସେହି ସମ୍ପତ୍ତିର ପ୍ରକୃତ ମାଲିକ ତାହା ପ୍ରମାଣ କରିବା ଆବଶ୍ୟକ ନୁହେଁ; ବରଂ ମାମଲା ଦାଏର କରିବାର ତାରିଖରୁ ଗତ **12** ବର୍ଷ ଭିତରେ ତାଙ୍କୁ ସେହି ସମ୍ପତ୍ତିରୁ ବେଦଖଲ କରାଯାଇଥିଲା କିମ୍ବା ତାଙ୍କର ପୂର୍ବ ଅଧିକାର ବାଧାପ୍ରାପ୍ତ ହୋଇଥିଲା, ତାହା ମଧ୍ୟ ପ୍ରମାଣ କରିବାକୁ ପଡ଼ିବ । ଯେତେବେଳେ ପ୍ରତିବାଦୀ ପ୍ରତିକୂଳ ଦଖଲ ପ୍ରମାଣ କରିବା ପାଇଁ ଅଦାଲତକୁ ଆସି ନାହାନ୍ତି, ସେତେବେଳେ ପ୍ରମାଣ ଭାର ପ୍ରତିବାଦୀଙ୍କ ଉପରେ ରହେ ନାହିଁ । ତେଣୁ, ମାମଲା ଦାୟର କରିବା ତାରିଖରୁ **12** ବର୍ଷ

**ମଧ୍ୟରେ ସମ୍ପତ୍ତି ତାଙ୍କ ଦଖଲରେ ଥିଲା ଏବଂ ସେହି ସମ୍ପତ୍ତି ଉପରେ ତାଙ୍କର ମାଲିକାନା ସତ୍ତ୍ୱ ରହିଛି, ତାହା ପ୍ରମାଣ କରିବାର ଭାର ସର୍ବଦା ବାଦୀଙ୍କ ଉପରେ ଥାଏ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: 1984 ର ଦେୱାନୀ ଆବେଦନ ସଂଖ୍ୟା 3298/1984

29-8-83 ତାରିଖରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ଆବେଦନ ସଂଖ୍ୟା 262/1980 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ବି. ବି. ସିଂହ ଆବେଦନକାରୀଙ୍କ ପାଇଁ ।

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଅଗଷ୍ଟ 29,1993 ରେ ଦ୍ୱିତୀୟ ଆବେଦନ ସଂଖ୍ୟା 262/90 ରେ ପ୍ରଦାନ କରାଯାଇଥିବା ପାଟନା ଉଚ୍ଚ ନ୍ୟାୟାଳୟଙ୍କ ରାୟରୁ ଆସିଛି, ଯେଉଁ ଦ୍ୱିତୀୟ ଆବେଦନକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରାଯାଇଛି । ଆବେଦନକାରୀ-ବାଦୀ ପ୍ଲଟ୍ ସଂଖ୍ୟା 1093 ଏବଂ 1994 ର ମାଲିକ ଭାବରେ ମାଲିକାନା ଏବଂ ଦଖଲ ଘୋଷଣା କରିବା ପାଇଁ ଏବଂ ପ୍ଲଟ୍ ସଂଖ୍ୟା 1095 କୁ ଇଜ୍ରାଦାର ଭାବରେ ଦଖଲ ରଖିବା ପାଇଁ ସତ୍ତ୍ୱ ମକଦ୍ଦମା ସଂଖ୍ୟା 1962-65 ର 238/26 ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାରେ ବିଚାରାଦେଶ ପ୍ରଦାନ କରିଥିଲେ, ଅପିଲିୟ ଅଦାଲତ ଜାଣିବାକୁ ପାଇଥିଲେ ଯେ ଯଦିଓ ବାଦୀଙ୍କର କୌଣସି ଏକ ସମୟରେ ମାଲିକାନା ସତ୍ତ୍ୱ ଏବଂ ଦଖଲ ଥିଲା, କିନ୍ତୁ ବାଦୀଙ୍କ- ତଫସିଲଭୁକ୍ତ ସମ୍ପତ୍ତିରୁ ତାଙ୍କୁ କେଉଁ ନିର୍ଦ୍ଦିଷ୍ଟ ତାରିଖରେ ବେଦଖଲ କରାଗଲା ବା କେବେଠାରୁ ତାଙ୍କର ଦଖଲ ବିଚ୍ଛିନ୍ନ ହେଲା, ସେ ନେଇ କୌଣସି ସ୍ପଷ୍ଟ ତାରିଖ ନାହିଁ । ଯେତେବେଳେ ମକଦ୍ଦମାଭୁକ୍ତ ଜମିରୁ ଦଖଲ ହଟିଯାଇଥିଲା, ସେହି ସମୟଠାରୁ ମାମଲା ଦାୟର କରିବାର 12 ବର୍ଷ ଭିତରେ ସେହି ଜମି ଉପରେ ନିଜର ଦଖଲ ଥିବା କଥା ପ୍ରମାଣ କରିବାରେ ବାଦୀ ବିଫଳ ହୋଇଥିଲେ । ସେ କେତେବେଳେ ଦଖଲକୁ ଆସିଲେ ତାହା ଜଣା ନାହିଁ । ତେଣୁ, ଏହି ମକଦ୍ଦମା, ସୀମାବନ୍ଧନ ଅଧିନିୟମ, 1908 ର ଅନୁଚ୍ଛେଦ 142, ସଂକ୍ଷିପ୍ତରେ 'ପୁରୁଣା ଅଧିନିୟମ' ଅନୁଯାୟୀ ତମାଦି ହୋଇଯାଇଥିଲା ।ସେହି ଅନୁଯାୟୀ ଏହାକୁ ଖାରଜ କରାଯାଇଥିଲା ।

ପୁରୁଣା ସୀମାବନ୍ଧନ ଅଧିନିୟମର ଅନୁଚ୍ଛେଦ 142 ର ପ୍ରଥମ ଅନୁସୂଚୀ ଏବଂ ପ୍ରଥମ ଖଣ୍ଡ ଅନୁଯାୟୀ, ଯେତେବେଳେ ବାଦୀ, ସମ୍ପତ୍ତିର ଦଖଲରେ ଥିବା ସମୟରେ ବେଦଖଲ ହୋଇଛନ୍ତି କିମ୍ବା ଦଖଲ ବିଚ୍ଛିନ୍ନ ହୋଇଛନ୍ତି, ତେବେ ସେହି ସ୍ଥାବର ସମ୍ପତ୍ତି ଫେରି ପାଇବା ପାଇଁ, ବେଦଖଲ କିମ୍ବା ଦଖଲ ଛାଡିବା ସମୟ ଠାରୁ 12 ବର୍ଷର ଅବଧି ଆରମ୍ଭ ହୋଇଥାଏ ଯାହା ମଧ୍ୟରେ ଅଦାଲତରେ ମାମଲା ଦାୟର କରିବାକୁ ପଡ଼ିଥାଏ । ଧାରା 144 ଦର୍ଶାଏ ଯେ, ସ୍ଥାବର ସମ୍ପତ୍ତିର ମାଲିକାନା କିମ୍ବା ସେଥିରେ ଥିବା କୌଣସି ସ୍ୱାର୍ଥର ଦଖଲ ପାଇଁ, ଯଦି ଅନ୍ୟ କୌଣସି ସ୍ୱତନ୍ତ୍ର ପ୍ରାବଧାନ କରାଯାଇ ନଥାଏ, ତେବେ ପ୍ରତିବାଦୀଙ୍କ ଦଖଲ ଯେଉଁ ଦିନଠାରୁ ବାଦୀଙ୍କ ବିରୁଦ୍ଧରେ ପ୍ରତିକୂଳ ହେବ, ସେହି ଦିନଠାରୁ 12 ବର୍ଷ ମଧ୍ୟରେ ମାମଲା ଦାୟର କରାଯିବ ।

ସୀମାବନ୍ଧନ ଅଧିନିୟମ, 1963 ର ଅନୁଚ୍ଛେଦ 64 (ସଂକ୍ଷେପରେ 'ନୂଆ ଅଧିନିୟମ') ରେ କୁହାଯାଇଛି ଯେ "ମାଲିକାନା ସ୍ୱତ୍ୱ ଆଧାରରେ ନୁହେଁ, ବରଂ ପୂର୍ବ ଦଖଲ ଆଧାରରେ କୌଣସି ସ୍ଥାବର ସମ୍ପତ୍ତିର ପୁନଃ ଦଖଲ ପାଇଁ, ଯେତେବେଳେ ଜଣେ ବାଦୀ ସମ୍ପତ୍ତିର ଦଖଲରେ ଥିବା ସମୟରେ ତାଙ୍କୁ ବେଦଖଲ କରାଯାଇଥାଏ, ସେହି ବେଦଖଲ ହେବା ତାରିଖରୁ 12 ବର୍ଷର ସୀମାବନ୍ଧନ ଅବଧି ଆରମ୍ଭ ହୋଇଥାଏ । ଧାରା 65 ରେ କୁହାଯାଇଛି ଯେ "ମାଲିକାନା ସତ୍ତ୍ୱ ଆଧାରରେ କୌଣସି ସ୍ଥାବର ସମ୍ପତ୍ତି କିମ୍ବା ସେଥିରେ ଥିବା କୌଣସି ସ୍ୱାର୍ଥର ଦଖଲ ପାଇଁ, 12 ବର୍ଷର ସୀମାବନ୍ଧନ ଅବଧି ସେତିକିବେଳେ ଆରମ୍ଭ ହୁଏ, ଯେତେବେଳେ ପ୍ରତିବାଦୀର ଦଖଲ, ବାଦୀ ବିରୁଦ୍ଧରେ ପ୍ରତିକୂଳ ହୋଇଯାଏ ।" ପୁରୁଣା ସୀମାବନ୍ଧନ ଅଧିନିୟମ

ଅନୁଯାୟୀ, ଜମି କିମ୍ବା ସମ୍ପତ୍ତି ଉପରେ ନିଜର ମାଲିକାନା ସତ୍ୱ କିମ୍ବା ପୂର୍ବରୁ ଥିବା ଦଖଲ ଆଧାରରେ କରାଯାଇଥିବା ସମସ୍ତ ମାମଲା, ଅନୁଚ୍ଛେଦ 142 ଦ୍ୱାରା ପରିଚାଳିତ ହେଉଥିଲା, ଯେଉଁଥିରେ, ବାଦୀଙ୍କ ଦଖଲରେ ଥିବା ସମୟରେ ଯଦି ତାଙ୍କୁ ସେହି ସ୍ଥାନରୁ ବେଦଖଲ କରାଯାଇଥାଏ କିମ୍ବା ବିଛିନ୍ନ ହୋଇଥାନ୍ତି । ଯେଉଁଠାରେ ମାମଲାଟି ବାଦୀଙ୍କୁ ବେଦଖଲ କରିବା କିମ୍ବା ବିଛିନ୍ନ ଛାଡିଦେବା ବିଷୟରେ ନଥିଲା । ଅନୁଛେଦ 142 ଲାଗୁ ହୋଇନଥିଲା । କେବଳ ଦଖଲ କିମ୍ବା ବିଛିନ୍ନ ଛାଡିବାକୁ ନେଇ ଆଗତ ମାଲିକାନା ମକଦ୍ଦମା ଗୁଡିକ ଅନୁଚ୍ଛେଦ 144 ଅନୁଯାୟୀ ବିଚାର କରାଯାଉଥିଲା ଯେପର୍ଯ୍ୟନ୍ତ ଅନ୍ୟ କିଛି ଅନୁଚ୍ଛେଦରେ ସେପରି ବ୍ୟବସ୍ଥା ନଥିଲା । ତେଣୁ, ଅନୁଚ୍ଛେଦ 142 ର ପ୍ରୟୋଗ ପାଇଁ, ମକଦ୍ଦମା କେବଳ ମାଲିକାନା ଆଧାରରେ ନୁହେଁ ବରଂ ଦଖଲ ପାଇଁ ମଧ୍ୟ ।

ତେଣୁ ପ୍ରଶ୍ନ ହେଉଛି ମାଲିକାନା ଏବଂ ଦଖଲ ଉପରେ ଆଧାରିତ ମକଦ୍ଦମାରେ ପ୍ରମାଣ ଭାର କାହା ଉପରେ ରହିଛି । ପୁରୁଣା ଅଧିନିୟମ 142କୁ ଦୃଷ୍ଟିରେ ରଖି, ନିର୍ଦ୍ୱନ୍ଦ୍ୱରେ, ଅଭିଯୋଗକାରୀ-ଆବେଦନକାରୀଙ୍କ ଉପରେ ଏହା ପ୍ରମାଣ କରିବାର ଭାର ରହିଛି ଯେ ତାଙ୍କ ପାଖରେ ଅଧିକାର ଅଛି ଏବଂ ସେ ଦଖଲରେ ଅଛନ୍ତି ଏବଂ ମକଦ୍ଦମା ଦାୟର ହେବାର ତାରିଖ ଠାରୁ 12 ବର୍ଷ ମଧ୍ୟରେ ତାଙ୍କୁ ଉଚ୍ଛେଦ କରାଯାଇଥିଲା ଏବଂ ତାଙ୍କ ଦଖଲ ବିଚ୍ଛିନ୍ନ ହୋଇଥିଲା । ଅନୁଚ୍ଛେଦ 142 ଅନୁଯାୟୀ, ନିଶ୍ଚିତ ଭାବରେ ବାଦୀଙ୍କ ଉପରେ ପ୍ରମାଣ ଭାର ରହିଛି ଯେ, ମାମଲା ଦାୟର ହେବା ତାରିଖରୁ 12 ବର୍ଷ ମଧ୍ୟରେ ସମ୍ପତ୍ତି ଉପରେ ତାଙ୍କର ମାଲିକାନା ସତ୍ୱ ରହିଛି ଏବଂ ସେ ସେହି ସମ୍ପତ୍ତିକୁ ସେ ନିଜ ଦଖଲରେ ରଖିଛନ୍ତି । ଯଦି ମକଦ୍ଦମା କେବଳ ପ୍ରତିକୂଳ ଦଖଲ ଉପରେ ଆଧାରିତ, ତେବେ ଅନୁଛେଦ 144 ଲାଗୁ ହୁଏ । ପ୍ରତିବାଦୀ ପ୍ରତିକୂଳ ଦଖଲ ପ୍ରମାଣ କରିବା ପାଇଁ ଅଦାଲତକୁ ଆସି ନାହାନ୍ତି । ତେଣୁ ପ୍ରମାଣ ଭାର ତାଙ୍କ ଉପରେ ନଥାଏ ।ତେଣୁ, ବାଦୀ/ଆବେଦନକାରୀଙ୍କୁ ପ୍ରମାଣ କରିବାକୁ ହେବ ଯେ, କେବଳ ବାଦୀଙ୍କ ତଫସିଲଭୁକ୍ତ ସମ୍ପତ୍ତି ଉପରେ ତାଙ୍କର ମାଲିକାନା ଅଧିକାର ଥିଲା ତାହା ନୁହେଁ, ବରଂ 12 ବର୍ଷ ମଧ୍ୟରେ ସେ ସେହି ସମ୍ପତ୍ତିକୁ ନିଜ ଦଖଲରେ ରଖିଥିଲେ ଏବଂ ସୀମାବନ୍ଧନ ଅଧିନିୟମର ଅନୁଚ୍ଛେଦ 142 ଅଧୀନରେ ନିର୍ଦ୍ଧାରିତ ଅବଧି ମଧ୍ୟରେ ତାଙ୍କୁ ବେଦଖଲ କରାଯାଇଥିଲା କିମ୍ବା ସେ ନିଜର ଦଖଲ ବିଚ୍ଛିନ୍ନ ହୋଇଥିଲେ । ତେଣୁ, ମକଦ୍ଦମା ଦାୟର ହେବାର ତାରିଖ ଠାରୁ 12 ବର୍ଷ ମଧ୍ୟରେ ତାଙ୍କର ଦଖଲ ଥିଲା ଏବଂ ସମ୍ପତ୍ତିର ମାଲିକାନା ତାଙ୍କର ଅଛି ବୋଲି ପ୍ରମାଣ କରିବାର ଭାର ସର୍ବଦା ତାଙ୍କ ଉପରେ ରହିଥାଏ । ପ୍ରତିବାଦୀଙ୍କ ଉପରେ ଭାର ସ୍ଥାନାନ୍ତରିତ ହୁଏ ନାହିଁ ।ତେଣୁ ପ୍ରମାଣ ଭାର ଅପିଲିୟ ଅଦାଲତଙ୍କ ଦ୍ୱାରା ଆବେଦନକାରୀଙ୍କ ଉପରେ ଯଥାର୍ଥ ଭାବରେ ରଖାଯାଇଛି । ଯଦିଓ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିଦେଇଛନ୍ତି, ତଥାପି ଅପିଲିୟ ଅଦାଲତ ଦେଇଥିବା ନିଷ୍ପତ୍ତିରେ ଆମେ କୌଣସି ଆଇନଗତ ତ୍ରୁଟି ପାଉନାହୁଁ, ଯେଉଁଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି । ସେହି ଅନୁଯାୟୀ ଆବେଦନକୁ ଖାରଜ କରାଗଲା କିନ୍ତୁ ବିନା ଖର୍ଚ୍ଚରେ ।

ଏ. ଜି. ଆବେଦନକୁ ଖାରଜ କରାଗଲା

।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।